# ଓଡ଼ିଆ ସ୍ୱାଭିମାନ ଓ ମଧୁବାବୁ

ଡକ୍ଟର ଦେବେନ୍ଦ୍ର କୁମାର ପତି

ସମଗ୍ର ଭାରତବର୍ଷରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ଭାଷାଭିତ୍ତିରେ ପ୍ରଥମ ପ୍ରଦେଶ ଭାବରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା । ଶ୍ରୀଜଗନ୍ନାଥଙ୍କ ପାଇଁ ଓଡ଼ିଶା ସମଗ୍ର ବିଶ୍ୱରେ ଅପ୍ରତିମ ସମ୍ମାନ ଓ ଗୌରବର ଅଧିକାରୀ । ସେହି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ନିମନ୍ତେ ଯେଉଁ କେତେଜଣ ଯୋଗଜନ୍ମା ଅହର୍ନିଶ ଅକ୍ଳାନ୍ତ ଉଦ୍ୟମ କରିଥିଲେ ଏବଂ ଜାତୀୟତାବାଦୀ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ମଧ୍ୟ ଓଡ଼ିଆ ପ୍ରୀତି ସହିତ ଆଦୌ ସାଲିସ୍ କରି ନଥିଲେ, ତନ୍ମଧ୍ୟରୁ ଉତ୍କଳଗୌରବ ମଧୁସୂଦନ ଦାସ ଅଗ୍ରଗଣ୍ୟ । ସେ ପୁରପଲ୍ଲୀରେ ଆବାଳ ବୃଦ୍ଧ ବନିତାଙ୍କ ମଧ୍ୟରେ ମଧୁବାବୁ ବା ମଧୁ ବାରିଷ୍ଟର ନାମରେ ଅତି ପରିଚିତ ଥିଲେ ।



ମଧୁବାବୁଙ୍କ ଜନ୍ମ ଅତ୍ୟନ୍ତ ଘଡିସନ୍ଧି ମୁହୂର୍ତ୍ତରେ ହୋଇଥିଲା । ସେତେବେଳେ ଜାତୀୟ ଆନ୍ଦୋଳନ ଚାଲୁଥିଲା ଓ ଓଡ଼ିଶାର ଅସ୍ତିତ୍ୱ ନଥିଲା । ବଙ୍ଗ, ବିହାର, ଆନ୍ଧ୍ରାଦି ଅଞ୍ଚଳରେ ଓଡ଼ିଶାକୁ ଠାବ କରିବାକୁ ମଧୁବାବୁ ଆଗଭର ହେଲେ । ଓଡ଼ିଆଭାଷୀ ଭାଇ ବା ଭଉଣୀଙ୍କୁ ଦେଖିଲେ ତାଙ୍କ ଆଖିରେ ଅସୁମାରୀ ସ୍ୱପ୍ନ ଲେସି ହୋଇଯାଇଥିଲା । ୧୯୦୩ ମସିହା ବେଳକୁ ସେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି ତା' ମାଧ୍ୟମରେ ଓଡ଼ିଆ ଭାଷାଭାଷୀ ଜନତାଙ୍କୁ ଏକାଠି କରିବାକୁ ପ୍ରୟାସ କରିଥିଲେ । 'ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି' ଏହି ଆହ୍ୱାନ ଜରିଆରେ ସୁପ୍ତ ଓଡ଼ିଆଙ୍କୁ ସେ ଏକାଠି କରିବାକୁ ଲାଗିଲେ । କହିବା ବାହୁଲ୍ୟ, ମଧୁବାବୁଙ୍କ ଜାତୀୟତା ଭାରତୀୟ ଜାତୀୟତାର ଆଦୌ ପରିପନ୍ଥୀ ନଥିଲା, ଅଧିକନ୍ତୁ ପରିପୂରକ ହିଁ ଥିଲା ।

ସ୍ୱାଭାବିକ ଭାବରେ ମଧୁବାବୁ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲେ । ଏପରିକି ତାଙ୍କୁ ଜାତିବିରୋଧୀ ଓ ସଂକୀର୍ଣ୍ଣ ମନୋଭାବ ସଂପନ୍ନ ବୋଲି ଆକ୍ଷେପ ଶୁଣିବାକୁ ପଡିଥିଲା । ମାତ୍ର ଦୃଢମନା ମଧୁବାବୁ କୌଣସି ନକାରାତ୍ମକ ମନ୍ତବ୍ୟ ଦ୍ୱାରା ପ୍ରଭାବିତ ନହୋଇ ନିଜ ଲକ୍ଷ୍ୟ ପଥରେ ଅଟଳ ବିଶ୍ୱାସର ସହ ଆଗେଇ ଚାଲିଲେ । କେତେଜଣ ସମଧର୍ମୀଙ୍କ ପ୍ରୋତ୍ସାହନ ମଧ୍ୟ ସେ ଲାଭ କରିଥିଲେ । ବ୍ରିଟିଶ୍ ସରକାରର ଗୋଲାମି କରୁଥିବା ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ସମ୍ପନ୍ନ ବ୍ୟକ୍ତିଙ୍କ ଚକ୍ରବ୍ୟୂହରୁ ମୁକୁଳି ଆସି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସମସ୍ତ ପ୍ରସ୍ତୁତି ସାରିଦେଇ ଇହଧାମରୁ ବିଦାୟ ନେଇଥିଲେ । ନିନ୍ଦୁକଙ୍କ ପାଇଁ ଯାହା ଥିଲା ତମିସ୍ରାଘେରା ମଧ୍ୟରାତ୍ରି, ଆଶାବାଦୀମାନଙ୍କ ପାଇଁ ତାହା ଥିଲା ସୂର୍ଯ୍ୟୋଦୟର ପୂର୍ବକ୍ଷଣ ।

ଦେଶ ସ୍ୱାଧୀନତା ଲାଭ କରିବାର ପ୍ରାୟ ସତୁରୀ ବର୍ଷ ଓ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ହାସଲ କରିବାର ପ୍ରାୟ ଅଶୀବର୍ଷ ପରେ ସେହି ମଧୁବାବୁ ବେଶୀ ବେଶୀ ମନେ ପଡୁଛନ୍ତି । ମନେପଡିବା ମଧ୍ୟ ସ୍ୱାଭାବିକ। ଇତିମଧ୍ୟରେ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଆମେମାନେ ଅନେକ କ୍ଷେତ୍ରରେ ଢେର ଆଗେଇ ଯାଇଛୁ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଅଥବା ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସହ ଏବର ପରିସ୍ଥିତିକୁ

ତୁଳନା କଲେ, ଆହ୍ଲାଦିତ ହେବାର ଯଥେଷ୍ଟ କାରଣ ଦୃଶ୍ୟମାନ ହୁଏ । ସେସବୁକୁ ଗଣ୍ଠିଧନ କରି ଆମେ ଉଲ୍ଲସିତ ହୋଇଚାଲିଛୁ ମଧ୍ୟ ।

ମାତ୍ର ସୂକ୍ଷ୍ମ ଭାବରେ ପର୍ଯ୍ୟାଲୋଚନା କଲେ, ଭିନ୍ନ ଏକ ଚିତ୍ର ଦୃଷ୍ଟିଗୋଚର ହୁଏ । ସେହି ଚିତ୍ର ସାର୍ବଜନୀନ ହୋଇପାରିଲେ ଆମେ ନିଶ୍ଚିତ ଭାବରେ ହୃଦୟଙ୍ଗମ କରିବା ଯେ ଆମ ଆହ୍ଲାଦର ଭିତ୍ତିଭୂମି ଆଦୌ ସୁଦୃଢ଼ ନୁହେଁ । ସମୟ, ପରିବେଶ, ପାତ୍ରପାତ୍ରୀ, ରାଜନୀତିର ସ୍ଥିତି, ଶାସନ ବ୍ୟବସ୍ଥା, ଶିକ୍ଷାହାର, ବିକାଶର ଧାରା ଆଦି ବିକଶିତ ହେଲା ଭଳି ସ୍ଥିତିରେ ଥିବାପରି ମନେ ହେଉନାହାନ୍ତି । ବରଂ ମଧୁବାବୁଙ୍କ ସମୟର ସେହି ଅସ୍ତିତ୍ୱଶୂନ୍ୟ ଓଡ଼ିଶାର ଦୟନୀୟ ଚିତ୍ରର ଛାୟାପରି ମନେ ହେଉଛି । କ'ଣ, କିଏ କେଉଁଠି ଅବା କେତେ ବଦଳି ଯାଇଛି, ଜଣାନାହିଁ, ମାତ୍ର ସାଧାରଣ ଜନତା ଯେଉଁମାନେ ସଂଖ୍ୟାରେ ଅଧିକ ସେମାନେ ଭିନ୍ନ ଏକ ସ୍ୱାଧୀନତା ଦରାଣ୍ଡି ହେଉଛନ୍ତି । ସ୍ୱାଧୀନତା ଯେଉଁଠି ସୁଦୂର ପରାହତ, ସେଠି ସ୍ୱାଭିମାନ କଥା ପଚାରେ କିଏ ! ସଂକୀର୍ଣ୍ଣ ସ୍ୱାର୍ଥପୂରଣ ଲାଳସାରେ ବ୍ୟକ୍ତିତ୍ୱ ଯେଉଁଠି ବନ୍ଧା ପଡ଼ିଯାଉଛି, ସେଠି ଅସ୍ମିତାର ପ୍ରଶ୍ନ ଉଠୁଛି କେଉଁଠୁ ?

କେବଳ ମଧୁବାବୁ କାହିଁକି, କୌଣସି ସ୍ୱାଧୀନତା ସଂଗ୍ରାମୀ ଆଜିର ଭାରତବର୍ଷ ଅଥବା ଓଡ଼ିଶାର ସ୍ୱପ୍ନ ଭୁଲରେ ସୁଦ୍ଧା ଦେଖିନଥିବେ । ସ୍ୱାଧୀନତା ଯେବେ ନବ୍ୟ ପରାଧୀନତା ହୋଇଯାଏ, ତେବେ ସ୍ୱାଧୀନତାକର୍ମୀ ଜନତାର ସ୍ଥିତି ସହଜେ ଅନୁମେୟ । ସେତେବେଳେ ହେଉଥିଲେ ରାଜନୀତିକ ଛଳନାର ଶିକାର, ଏବେ ଆତ୍ମ ପ୍ରତାରଣାର କଏଦୀ, ସେବେ ହେଉଥିଲେ ବିଦେଶୀ ଶକ୍ତି ଦ୍ୱାରା ଲୁଣ୍ଠିତ, ଆଉ ଏବେ ? କହିବା ନିଷ୍ପ୍ରୟୋଜନ, ସ୍ୱାଭିମାନର ଅର୍ଥ ବୁଝିଥିବା ବ୍ୟକ୍ତି ଏପରି ସ୍ୱାଧୀନତା କଦାପି କାମନା କରିବ ନାହିଁ ।

ଭୌତିକ ଉନ୍ନତି ବା ଜାଗତିକ ସୁଖ ପ୍ରାପ୍ତି ଯଦି ସ୍ୱାଧୀନତାର ପ୍ରତିଶବ୍ଦ ହୁଏ, ତେବେ ଆଲୋଚନା ଭିନ୍ନମୁଖୀ ହେବ । ମାତ୍ର, ସ୍ୱାଭିମାନ ସହ ତାକୁ ଯୋଡାଗଲେ ବାସ୍ତବତାର ସ୍ୱରୂପ ଯାହା ହେବା ଉଚିତ୍, ତାହା ହୋଇନାହିଁ, ଏହା ନିଧାର୍ଯ୍ୟ । ବଞ୍ଚିବାର ସର୍ବନିମ୍ନ ମୌଳିକ ଆବଶ୍ୟକତା ପରିପୂରଣ ନିମନ୍ତେ ଯେଉଁଠି ଶାସକ ଓ ଶାସିତ ମଧ୍ୟରେ ମୁଲଚାଲ ସେଠି ମଧୁବାବୁଙ୍କ ପରିଦର୍ଶିତ ସ୍ୱତନ୍ତ୍ରତା ଆସିବାକୁ ଯେ ସମୟ ବାକି ଅଛି ଏହା ନିଃସନ୍ଦେହରେ କୁହାଯାଇପାରେ । ଯାହା ପାଇବା ପାଇଁ ମଧୁବାବୁ ନିଜର ସର୍ବସ୍ୱ ଉତ୍ସର୍ଗ କରିଦେଇଥିଲେ, ତାହା ଆମେ ପାଇଛୁ କି ନାହିଁ, ଏ ପ୍ରଶ୍ନ ପ୍ରତ୍ୟେକ ନିଜକୁ ପଚାରିବା ଉଚିତ ।

ମଧୁବାବୁଙ୍କ ଜାତିପ୍ରୀତି ବା ଓଡ଼ିଆ ପ୍ରାଣତା ସମସ୍ତ ପ୍ରକାର ଆଲୋଚନାର ଯଥେଷ୍ଟ ଉର୍ଦ୍ଧ୍ୱରେ । ସେଭଳି ପୁଷ୍କଳ ମାନସିକତାର ଅଧିକାରୀ ନହେଲେ ତାଙ୍କ ବଡପଣର ଆକଳନ କରିହେବ ନାହିଁ । ବିଭିନ୍ନ କଥାଛଳରେ ଆମେ ତାଙ୍କ ବିଷୟରେ ଯାହା ଯେତିକି ଜାଣିଛୁ, ତାହା ସମୁଦ୍ରକୁ ଶଙ୍ଖେ ପଣା ପରି । ଅର୍ଥାତ୍, ଆମମାନଙ୍କ ଆକଳନର ପରିସୀମା ବହିର୍ଭୂତ ତାଙ୍କ ଦିଗ୍‌ବଳୟ ବ୍ୟାପୀ ବ୍ୟକ୍ତିତ୍ୱର ଆଭା । ଓଡ଼ିଶାର ମାଟି ଯେବେ ପ୍ରଗଳ୍‌ଭ ହୁଅନ୍ତା, ହୁଏତ ମଧୁବାବୁଙ୍କ ତ୍ୟାଗସିକ୍ତ ମାଟିମନସ୍କତାର ଅବତାରଣା କରିପାରନ୍ତା । ଜୀବନର ପ୍ରତ୍ୟେକ କ୍ଷଣରେ ଆମ ସ୍ୱାଭିମାନର ଟେକ ରଖିବା ପାଇଁ ତାଙ୍କର ଯେଉଁ ଆତ୍ମୋତ୍ସର୍ଗ, ତା'ର ପଟାନ୍ତର କାହିଁ ? ଉତ୍ତର ପିଢ଼ି କେବଳ 'ତୁମପରି ଛୋଟ ପିଲାଟିଏ' ଅଥବା 'କାଳିଆ ଘୋଡାରେ ଚଢ଼ିବି'ରୁ କ'ଣ ଆକଳନ କରିପାରିବ ସେହି ଉତ୍ତୁଙ୍ଗ ବ୍ୟକ୍ତିସତ୍ତାକୁ ? ଗୋଟିଏ ଦିନ ସ୍ୱାଭିମାନ ଦିବସ ପାଳନ କରିଦେଲେ କ'ଣ ହାସଲ କରିପାରିବ ଏହି ଜାତି ତା'ର ଦୃଢ଼ ସ୍ୱାଭିମାନ ? କେବଳ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଦେଲେ କ'ଣ ଗୋଟିଏ ଭାଷା ତା'ର ଇପ୍‌ସିତ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇ ପାରିବ ? ଅନ୍ୟମାନଙ୍କର ଅଛି, ଆମର ନାହିଁ ହେବ କି ନାହିଁ ଜଣାନାହିଁ । ଏଥିରୁ କେମିତି ମିଳିବ ଏହି ଜାତିକୁ ମୁକ୍ତି ?

ଏସବୁ ପ୍ରଶ୍ନର ଉତ୍ତର ନିଶ୍ଚୟ ସେହି ପ୍ରଶ୍ନରେ ହିଁ ଅଛି । ଆମକୁ ପ୍ରଥମେ ପରମୁଖାପେକ୍ଷିତା ବା ପରଦୋଷଦର୍ଶୀ ମନୋଭାବ ପରିହାର କରିବାକୁ ହେବ । ବର୍ଜନ କରିବାକୁ ହେବ ଯୁଗାନ୍ତବ୍ୟାପୀ ହୀନମନ୍ୟତା । ଈର୍ଷା, ଅସୂୟା ଅଥବା ଆତ୍ମଶ୍ଳାଘାର ବିଷବଳୟରୁ ମୁକୁଳି ଆସିବାକୁ ହେବ । 'ରାତିକର ଉଜାଗରେ କିବା ପ୍ରୟୋଜନ', ଏକଥା ଖାଲି ଘୋଷିଦେଲେ ହେବ ନାହିଁ । ଯାହା କିଛି ଅବ୍ୟବସ୍ଥା ଅଛି, ତାହା ଆମ ଅସହାୟତା ପାଇଁ ନୁହେଁ, ଅପରିଣାମଦର୍ଶିତା ଯୋଗୁଁ ହିଁ ସମ୍ଭବ ହୋଇଛି । ଅନ୍ୟକୁ ସ୍ୱାଧୀନତାର ସ୍ୱାଦ ନଚଖାଇଲେ ଆମକୁ ସ୍ୱାଧୀନତା କେମିତି ମିଳିବ ।

ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର–୨୧